# ପିଲାମାନଙ୍କ ପାଇଁ ବାଇବଲ

## ଉପହାର



## ଦାଉଦ ରାଜା (ପ୍ରଥମ ଭାଗ)

ଲେଖକ: Edward Hughes

ଦୃଷ୍ଟାନ୍ତ: Lazarus

ଉପଯୋଜକ: Ruth Klassen

ଅନୁବାଦକ: Prasanta Bhuyan

ପ୍ରଯୋଯୋକ: Bible for Children
www.M1914.org

©2014 Bible for Children, Inc.
ଅନୁମତି ପତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ
ଆପଣଙ୍କର ଅଧୀକାର ଅଛି,· ଯେଉଁ ପର୍ଯନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।

ଯିବା ଦାଉଦ ନିଜ ଜୀବନ ନିମନ୍ତେ ଦୌଡ଼ିଲେ । ରାଜା ଶାଉଲ ତାଙ୍କୁ ବଧ କରିବାକୁ ଚାହୁଁଥିଲେ । ଦାଉଦ ମରୁଅଞ୍ଚଳରେ ବାସ କଲେ, ଭୟଙ୍କର ଗୁମ୍ଫାରେ ନିଜର ଚାରିଶହ ସହୋଦର ମାନଙ୍କ ସହିତ ରହିଲେ ।



ବେଳେ ବେଳେ, ରାଜା ଶାଉଲଙ୍କ ସୈନ୍ୟମାନେ ତାଙ୍କର ଅତି ନିକଟରେ ପେହଞ୍ଚିଲେ । କିନ୍ତୁ ଦାଉଦ ଆଗକୁ ବଢ଼ି ଚାଲିଲେ ।



ଶାଉଲଙ୍କ ସେବକ, ଦୀଅଗ, ଶାଉଲଙ୍କୁ କହିଲେ ଯାଜକମାନେ
ଦାଉଦଙ୍କୁ ଖସି ପଳାଇଯିବାକୁ ସାହାଯ୍ୟ କରିଛନ୍ତି । ଶାଉଲ
ସେମାନଙ୍କୁ ବଧ କରିବାକୁ ଆଦେଶ କଲେ । କେବଳ ଦୀଅଗ
ଏହା କରିବାକୁ ଇଛା କରୁଥିଲେ । ସେ ପଞ୍ଚାଅଶି ଯାଜକ ଓ
ସମସ୍ତ ପରିବାରକୁ ନିର୍ମମ ଭାବରେ ତାଙ୍କର ଖଣ୍ଡାଦ୍ୱାରା
ହତ୍ୟା କଲେ । ଏହା ଅତ୍ୟଧିକ
ଦୁଷ୍ଟତା ଥିଲା ।





ଦିନକର ଘଟଣା, ଶାଉଲ
ଦାଉଦଙ୍କୁ ଖୋଜିବା ସମୟରେ
ରାତ୍ରୀଯାପନ କରିବା ନିମନ୍ତେ ଏକ
ଗୁମ୍ଫା ଭିତରକୁ ଗଲେ ଯେଉଁଠାରେ
ଦାଉଦ ନିଜ ସାଥିମାନଙ୍କ ସହିତ
ଲୁଚିଥିଲେ । ସେହିସମୟରେ
ଶାଉଲ ଏକଲା ଥିଲେ ।

ସେହି ଗୁମ୍ଫାରେ, ଦାଉଦ ସହଜରେ ଶାଉଲଙ୍କୁ ବଧ
କରି ପାରିଥାନ୍ତେ । ମାତ୍ର ତାହା ବଦଳରେ,
ସେ ଧିରସ୍ଥିର ଭାବରେ ଶାଉଲଙ୍କ
ନିକଟରୁ ତାହାର ଗୋଟିଏ
ତୀକ୍ଷ୍ଣ ବର୍ଚ୍ଛା ଓ ତାଙ୍କର
ଖଣ୍ଡିଏ ବସ୍ତ୍ର କାଟିନେଲେ ।



ଯେତେବେଳେ ଶାଉଲ ଗଲେ, ଦାଉଦ ପଛରୁ ଡାକି କହିଲେ । ହେ
ରାଜନ୍ ମୁଁ ତୁମ୍ଭର ବସ୍ତ୍ର କାଟିନେଲି, କିନ୍ତୁ ତୁମ୍ଭକୁ ବଧ କଲିନାହି ।
ଆପଣ ନିଜେ ଜ୍ଞାତ ହୁଅନ୍ତୁ ଯେ ତୁମ୍ଭ ଉପରେ ମୋହର କୌଣସି
ମନ୍ଦଚିନ୍ତା କିମ୍ବା ମୋହର ହସ୍ତରେ କୌଣସି ବିଦ୍ରୋହ ନାହିଁ ।

ଶାଉଲ ଦାଉଦଙ୍କୁ କହିଲେ, ସେ ଦାଉଦଙ୍କ ବିରୁଦ୍ଧରେ ପାପ କରିବାରୁ ଦୁଃଖିତ ଅଟନ୍ତି । କିନ୍ତୁ, ପୁନର୍ବାର ସେ ଦାଉଦଙ୍କୁ ବଧ କରିବା ନିମନ୍ତେ ପ୍ରାୟ ତିନି ହଜାର ସୈନ୍ୟଦଳକୁ ପ୍ରେରଣକଲେ । ଏକ ରାତ୍ରୀରେ, ଯେତେବେଳେ ସୈନ୍ୟମାନେ ଶୋଇଯାଇଥିଲେ, ଦାଉଦ ଓ ଅବିଶାୟୀ, ତାଙ୍କ ସୈନ୍ୟମାନଙ୍କ ମଧ୍ୟରୁ ଜଣେ, ଲୁଚି ଶାଉଲଙ୍କ ଶିବିରକୁ ରାଜା ଶୋଇଥିବା ସ୍ଥାନକୁ ଗଲେ ।





ଏହିଦିନ ସଦପ୍ରଭୁ ତୁମ୍ଭର ଶତ୍ରୁ
ଶାଉଲଙ୍କୁ ତୁମ୍ଭ ହସ୍ତରେ ସମର୍ପଣ
କରିଅଛନ୍ତି, ଅବିଶାୟୀ ଧିର ଗଳାରେ
କହିଲେ । ଦୟାକରି ମୋତେ ଅନୁମତି
ପ୍ରଦାନ କରନ୍ତୁ ଯେପରି ମୁଁ ଏହି
ବର୍ଚ୍ଛାଦ୍ୱାରା ତାହାଙ୍କୁ ଥରେମାତ୍ର ଆଘାତ
କରିବି, ଯେପରି ତାହା ଦ୍ୱତୀୟଥର
କରିବାକୁ ନ ପଡ଼େ ।

ଦାଉଦ ଅସ୍ୱୀକାର କଲେ । ସେମାନେ ଶାଉଲଙ୍କ ବର୍ଚ୍ଛା ଓ ଜଳପାତ୍ର ସେଠାରୁ ନେଇଗଲେ । ସେ ଶିବିର ପରିତ୍ୟାଗ କଲେ । ଦାଉଦ ରାସ୍ତା ନିକଟରେ ଥିବା ପର୍ବତରୁ ଶାଉଲଙ୍କୁ ଶୁଣିବା ପର୍ଯ୍ୟନ୍ତ ଡାକିଲେ । ପୁଣିଥରେ ଶାଉଲ ଦେଖିଲେ ଯେ ଦାଉଦ ତାଙ୍କୁ ବଧ କରି ପାରିଥାନ୍ତେ, ମାତ୍ର ସେ ତାହା କରିନାହିଁ । ପୁଣିଥରେ ଶାଉଲ ଦାଉଦଙ୍କ ବିରୁଦ୍ଧରେ ପାପ କରିବା ହେତୁ ଦୁଃଖିତ ଅଟନ୍ତି । କିନ୍ତୁ ଦାଉଦ ଜାଣିଥିଲେ ଓ ଶାଉଲଙ୍କ ବାକ୍ୟ ଉପରେ ବିଶ୍ୱାସ କଲେନାହିଁ ।





ସେହି ସମୟ ମଧ୍ୟରେ ଶାମୁୟେଲ୍‌ଙ୍କର ମୃତ୍ତୁ ହୋଇ ଯାଇଥିଲା । ଏ ସେହି ଭବିଷ୍ୟତବକ୍ତା ଯାହାଙ୍କୁ ସଦାପ୍ରଭୁ ପ୍ରଥମେ ଶାଉଲଙ୍କୁ ଅଭିଷେକ କରିବାତୁ କହିଥିଲେ, ତାହାପରେ ଦାଉଦ ଇସ୍ରାଏଲ୍ ଉପରେ ରାଜା ଭାବରେ ଅଭିଶିକ୍ତ କଲେ । ଯେତେବେଳେ ପଲେଷ୍ଟିୟମାନେ ଇସ୍ରାଏଲକୁ ଆକ୍ରମଣ କଲେ, ଶାଉଲ ଏକ ଭୟାନକ କାର୍ଯ୍ୟକଲେ, ଯାହା କରିବାକୁ ସଦାପ୍ରଭୁ ମନା କରିନ୍ତି ।

ସେ ଏକ ସ୍ତ୍ରୀକୁ ଆଜ୍ଞାକରି ଶାମୁୟେଲଙ୍କୁ ମୃତସ୍ଥାନରୁ ଡାକିଲେ, ସେହି ରାତ୍ରିରେ, ଶାଉଲ ସମ୍ବାଦ ପଇଲେ ।



... ସଦାପ୍ରଭୁ ତୁମ୍ଭକୁ ତ୍ୟଗ କରିଅଛନ୍ତି ଓ ତୁମ୍ଭର ବିପକ୍ଷ ହୋଇଅଛନ୍ତି ... ସଦାପ୍ରଭୁ ତୁମ୍ଭହସ୍ତରୁ ରାଜତ୍ୱ ଟାଣି ଚିରିଅଛନ୍ତି ଓ ତୁମ୍ଭ ପ୍ରତିବାସି ଦାଉଦଙ୍କୁ ତାହା ଦେଇଅଛନ୍ତି । କାଲି ତୁମ୍ଭେ ଓ ତୁମ୍ଭ ପୁତ୍ରମାନେ ଆମ୍ଭ ସଂଙ୍ଗି ହେବ ।  ମଧ୍ୟ ସଦାପ୍ରଭୁ ଇସ୍ରାଏଲର ସୌନ୍ୟମାନଙ୍କୁ ପଲେଷ୍ଟିୟମାନଙ୍କ ହସ୍ତରେ ସମର୍ପଣ କରିବେ । ଯେତେବେଳେ ଶାଉଲ ତାହା ଶୁଣିଲେ ସେ ଭୟରେ ଲମ୍ୱହୋଇ ତଳେ ପଡ଼ିଗଲେ ।



ପଲେଷ୍ଟିୟମାନେ ଇସ୍ରାଏଲ୍ ବିରୁଦ୍ଧରେ ଯୁଦ୍ଧକଲେ,
ଇସ୍ରାଏଲୀୟ ସୈନ୍ୟମାନେ ପଳାୟନ କଲେ ।
ପଲେଷ୍ଟିୟମାନେ ଯୋନାଥନ ଯେ ଦାଉଦଙ୍କର
ଉତ୍ତମ ବନ୍ଧୁ ଥିଲେ ତାଙ୍କ
ସମେତ ଶାଉଲଙ୍କର ସମସ୍ତ
ପୁତ୍ରମାନଙ୍କୁ ବଧକଲେ ।



ଶାଉଲ ତୀରଧାରି ମାନଙ୍କଠାରୁ ଅତ୍ୟଧିକ
କ୍ଷତବକ୍ଷତ ହୋଇଥିଲେ । ସେ ତାଙ୍କର
ଅସ୍ତ୍ରବାହକକୁ କହିଲେ, ତୁମ୍ଭର ଖଡ୍ଗ ବାହର
କରି ତହିଁରେ ମୋତେ ଭୁଷି ପକାଅ,
କେଜାଣି ଏହି ଅସୁନ୍ନତମାନେ ଆସି ମୋତେ
ଭୁସି ପକାଇ କୌତୁକ କରିବେ । ମାତ୍ର
ତାଙ୍କ ଅସ୍ତ୍ରବାହକ ତାହା କଲେ ନାହିଁ
କାରଣ ସେ ଅତିଶୟ ଭୀତ ହେଲେ ।
ଏହେତୁ ଶାଉଲ ନିଜେ ଖଡ୍ଗନେଇ ତହିଁ
ଉପରେ ପଡ଼ିଲେ ।





ଯେତେବେଳେ ପଲେଷ୍ଟିୟମାନେ ଶାଉଲ ଓ
ତାଙ୍କର ପୁତ୍ରମାନଙ୍କର ମୃତଦେହ
ପଡ଼ିଥିବାର ଦେଖିଲେ । ସେମାନେ
ସେମାନଙ୍କ ଶରିର ଗୁଡ଼ିକ ବୈଥଶାନ
ପ୍ରାଚିରରେ ଟାଙ୍ଗିଦେଲେ । କେତେକ
ବାହାଦୁର୍ ଇସ୍ରାଏଲୀୟ ଲୋକମାନେ
ସେମାନଙ୍କ ଶରିର ଗୁଡିକ ଉହ୍ଲାଇ
ନେଇଗଲେ ଓ ସେମାନଙ୍କ ଶରିରକୁ
ଦଗ୍ଧକଲେ ଓ ସେମାନଙ୍କର ଅସ୍ଥି ନେଇ
ଇସ୍ରାଏଲରେ ପୋତିଦେଲେ ।



ଯେତେବେଳେ ଦାଉଦ ସେହି ଦୁଃଖଦ
ସମ୍ବାଦ ପାଇଲେ, ସେ ଶାଉଲଙ୍କ
ନିମନ୍ତେ, ତାଙ୍କ ପୁତ୍ର ଯୋନାଥନ୍, ଓ
ସମସ୍ତ ଲୋକମାନଙ୍କ ନିମନ୍ତେ ସେ
ସଂନ୍ଧ୍ୟା ପର୍ଯ୍ୟନ୍ତ ଉପବାସ କରି
ରୋଦନ କଲେ, କାରଣ ଖଡ୍ଗଦ୍ୱାରା
ସେମାନଙ୍କର ହତ ହୋଇଥିଲେ ।

ଶାଉଲ ଦାଉଦଙ୍କୁ ବଧ କରିବାକୁ ପ୍ରୟାସ କରିଥିଲେ ମଧ୍ୟ, ଦାଉଦ ଶେଷ ପର୍ଯ୍ୟନ୍ତ ଶାଉଲଙ୍କୁ ସଦାପ୍ରଭୁଙ୍କ ଅଭିଶିକ୍ତ ଦାସରୁପେ ଆଦର କଲେ । ବର୍ତ୍ତମାନ୍ ସଦାପ୍ରଭୁ ଦାଉଦଙ୍କୁ ଆଦରରେ ଶାଉଲଙ୍କ ସ୍ଥାନରେ ରାଜାକରି ଉଥାପନ କରୁଛନ୍ତି ।



ଦାଉଦ ରାଜା (ପ୍ରଥମ ଭାଗ)

ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ

ରୁ ଅନୁସନ୍ଧାନ କରାଯାଇଅଛି

ପ୍ରଥମ ଶାମୁୟେଲ ୨୪-୩୧, ଦ୍ୱିତୀୟ ଶାମୁୟେଲ ୧-୨

"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"
ଗୀତସଂହିତା ୧୧୯ : ୧୩୦

# ସମାପ୍ତି

ଏହି ବାଇବଲ୍ କହାଣି ଇଶ୍ୱରଙ୍କ ବିଷୟରେ ଆମ୍ଭମାନଙ୍କୁ କହେ, ଯିଏ କି ଆମ୍ଭମାନଙ୍କୁ ସୃଷ୍ଟି କରିଅଛନ୍ତି ଏବଂ ସେହି ଇଶ୍ୱର ଚ଼ାହାଁନ୍ତି ତୁମ୍ଭେ ତାହାଙ୍କୁ ଜାଣ ।

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଇଶ୍ୱର ଜାଣନ୍ତି, ଯାହାକୁ ଇଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ, କିନ୍ତୁ ଇଶ୍ୱର ତୁମ୍ଭକୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଜଗତକୁ ପଠାଇଲେ ଆମ୍ଭମାନଙ୍କର ପାପ ସକାଶୁ ସେ କୃଶ ଉପରେ ମୃତ୍ୟୁବରଣ କଲେ । ପୁନର୍ବାର ଯୀଶୁଖ୍ରୀଷ୍ଟ ଜୀବନକୁ ଫେରିଲେ, ଆଉ ସେ ସର୍ଗ ଗୃହକୁ ଗମନ କଲେ । ଯଦି ତୁମେ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କର ଆଉ ନିଜର ପାପ କ୍ଷମା ନିମନ୍ତେ ତାଙ୍କୁ ପଚ଼ାର, ଆଉ ସେ ନିଶ୍ଚୟ କ୍ଷମା କରିବେ । ବର୍ତ୍ତମାନ୍ ସେ ଆସିବେ ଏବଂ ତୁମ୍ଭଠାରେ ବାସ କରିବେ ଆଉ ତୁମ୍ଭ ମଧ୍ୟ ତାଙ୍କଠାରେ ଚ଼ିର କାଳ ପର୍ଯନ୍ତ ବାସ କରିବ ।

ଯଦି ତୁମ୍ଭେ ଏହା ହିଁ ସତ୍ୟବୋଲି ବିଶ୍ୱାସ କର, ତହିଁରେ ଇଶ୍ୱରଙ୍କୁ କୁହନ୍ତୁ:
ପ୍ରିୟର ଯୀଶୁଖ୍ରୀଷ୍ଟ ମୁଁ ବିଶ୍ୱାସ କରେ କି ତୁମ୍ଭେ ହିଁ ଇଶ୍ୱର ଏବଂ ତୁମ୍ଭେ ମନୁଷ୍ୟ ରୁପ ଧାରଣ କରି, ମୋ କରିପାରିବି ନିମନ୍ତେ ମୃତ୍ୟୁବରଣ କଲ, ବର୍ତ୍ତମାନ୍ ଜୀବିତ ଅଛନ୍ତି । ମୁଁ ମଧ୍ୟ ନୂତନ ଜୀବନ ଧାରଣ କରିପାରିବ, ଆଉ ସେହି ଦିନ ଠାରୁ ତୁମ୍ଭ ସହିତ ଚ଼ିରକାଳ ରହିବି । ତୁମ୍ଭରି ଆଜ୍ଞାକାରି ସନ୍ତାନ ଓ ତୁମ୍ଭ ନିମନ୍ତେ ବଞ୍ଚିବାକୁ ସାହାଯ୍ୟ କରନ୍ତୁ । ଆମେନ୍ ।

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ । ଯୋହନ ୩:୧୬